**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**7 June – 2025**

# କ୍ୟାବିନେଟ୍ ବୈଠକ

ଜୈବ ପ୍ରଯୁକ୍ତି ବିଜ୍ଞାନ ବିକାଶ ଯୋଜନାରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ୧୧ଶହ ୧୩ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତକାଲି ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି...

**V/O**

# ମୁଖ୍ୟମନ୍ତ୍ରୀ – କନ୍ଧମାଳ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି କନ୍ଧମାଳ ଜିଲ୍ଲା ଗସ୍ତରେ ଯିବେ । ମୁଖ୍ୟମନ୍ତ୍ରୀ ତାଙ୍କର ଏହି ଗସ୍ତ ସମୟରେ ୯୬୮ କୋଟି ଟଙ୍କା ମୂଲ୍ୟର ୪୨ଟି ନୂତନ ପ୍ରକଳ୍ପର ଲୋକାର୍ପଣ ଏବଂ ୬୫ଟି ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଫୁଲବାଣୀ ସହରର ଲିତକପଡାଠାରେ ନିର୍ମିତ ନୂଆ ଭେଷଜ ସରକାରୀ ମହାବିଦ୍ୟାଳୟର ଶୁଭାରମ୍ଭ କରିବା ସହିତ ଏକ ଜନସଭାକୁ ସମ୍ବୋଧନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ କାର୍ଯ୍ୟକ୍ରମ ଶେଷ କରିବା ପରେ ଅପରାହ୍ଣରେ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ସୁବର୍ଣ୍ଣପୁର ସହରର

ରାମେଶ୍ୱର ଷ୍ଟାଡିୟମଠାରେ ଆୟୋଜନ ହେବାକୁ ଥିବା ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କର ଏକବର୍ଷ ପୂର୍ତ୍ତିର ସଫଳତା ବାବଦରେ ଲୋକମାନଙ୍କୁ ଅବଗତ କରାଇବେ । ଏହାବ୍ୟତୀତ କେତୋଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଗରିବ କଲ୍ୟାଣ ବିକଶିତ କାର୍ଯ୍ୟକ୍ରମ

କେନ୍ଦ୍ର ସରକାରଙ୍କର ୧୧ବର୍ଷ ପୂର୍ତ୍ତି ଅବସରରେ ଗତକାଲି ଭଦ୍ରକଠାରେ ଗରିବ କଲ୍ୟାଣ ବିକଶିତ କାର୍ଯ୍ୟକ୍ରମ ହୋଇଯାଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣ ଯୋଜନା ଏବଂ ରାଜ୍ୟ ସରକାରଙ୍କର ଏକ ବର୍ଷର ବିକାଶମୂଳକ କାର୍ଯ୍ୟକ୍ରମ ଗୁଡ଼ିକ ଉପରେ ଆଲୋଚନା କରିଥିଲେ ।

## ରଥଯାତ୍ରା ସୁପରିଚାଳନା

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ସୁପରିଚାଳନା ପାଇଁ ରାଜ୍ୟ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି । ଆଇନ୍‌ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଅଧକ୍ଷତାରେ ଗଠିତ ଏହି କମିଟିରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ନଗର ଉନ୍ନୟନ ନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସଦସ୍ୟ ଅଛନ୍ତି ।

# ଚମ୍ପକ ଦ୍ୱାଦଶ ନୀତି

ପବିତ୍ର ଜ୍ୟେଷ୍ଠ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଚମ୍ପକ ଦ୍ୱାଦଶ ନୀତି ଅନୁଷ୍ଠିତ ହେବ । ପରମ୍ପରା ଅନୁସାରେ ଶ୍ରୀଜୀଉମାନଙ୍କର ଗତକାଲି ରୁକ୍ମିଣୀ ହରଣ ଏକାଦଶୀ ନୀତି ଅନୁଷ୍ଠିତ ହୋଇ ବିବାହ ନୀତି ପାଳନ କରାଯାଇଥିଲା । ଗଜପତି ମହାରାଜ ବିବାହ ଠାକୁରଙ୍କୁ ବଡଦାଣ୍ଡରୁ ପାଛୋଟି ନେବା ସହ ଶ୍ରୀନହରରେ ସ୍ୱତନ୍ତ୍ର ବନ୍ଦାପନା ନୀତି ଅନୁଷ୍ଠିତ ହେବ । ପରବର୍ତ୍ତୀ ସମୟରେ ଠାକୁରମାନଙ୍କର ଜମ୍ବେଶ୍ୱର ମନ୍ଦିରକୁ ବିଜେକରିବେ ଏବଂ ପରେ ଆଜି ପଞ୍ଚଗ୍ରାସୀ ନୀତି ସମାପନ କରାଯିବ ।

# ଇଦ୍‌-ଉଲ୍‌-ଜୁହା

ମୁସଲମାନ ସମ୍ପ୍ରଦାୟର ଧାର୍ମିକ ପର୍ବ ଇଦ୍‌-ଉଜ୍‌-ଜୁହା ଆଜି ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ ଇଦଗାହ ଓ ମସ୍‌ଜିଦ୍‌ରେ ସମୂହ ନମାଜପାଠର ଆୟୋଜନ କରାଯାଇଛି ।

ଇଦ୍‌-ଉଲ୍‌-ଜୁହା ଉପଲକ୍ଷେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀ ମାନଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀ ମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

# ପଲିଥିନ୍ ଉପରେ କଟକଣା

ନୂଆପଡା ଜିଲ୍ଲା ଖରିଆରଠାରେ ପ୍ଲାଷ୍ଟିକ ବର୍ଜନ କରିବା ଏବଂ କପଡ଼ା ବ୍ୟାଗ୍ ବ୍ୟବହାର କରିବା ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଖରିଆର ବିଜ୍ଞପିତ ପରିଷଦ ପକ୍ଷରୁ ନିଆଯାଇଛି । ପଲିଥିନ୍ ବଦଳରେ କପଡ଼ା ବ୍ୟାଗ୍ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରାଯିବା ସହିତ ପଲିଥିନ୍ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି ।

# କରୋନା ମାର୍ଗଦର୍ଶିକା

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୭୫୫ଜଣଙ୍କର କୋଭିଡ ନମୂନା ପରୀକ୍ଷା କରାଯାଇଛି । ସେମାନଙ୍କ ମଧ୍ୟରୁ ୩୮ଜଣଙ୍କ ଠାରେ କୋଭିଡ ଭୂତାଣୁ ଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି । ସେମାନଙ୍କ ମଧ୍ୟରୁ ୯ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡିଛି ।

## ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ

ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ, ଯୋଗାଣ ଓ ସେବନ ପଦ୍ଧତି ଜରିଆରେ ପୋଷଣ ଓ ଉତ୍ତମ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଜି ବିଶ୍ୱ ଖାଦ୍ୟ ନିରାପତ୍ତା ଦିବସ ପାଳନ କରାଯାଉଛି । ଚଳିତବର୍ଷର ଏହି ଦିବସର ବାର୍ତ୍ତା

ରହିଛି 'ବୈଜ୍ଞାନିକ ପଦ୍ଧତିରେ ଖାଦ୍ୟ ନିରାପତ୍ତାର ସୁଦୃଢ଼ୀକରଣ'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଖାଦ୍ୟପେୟରୁ ଉତ୍ପନ୍ନ ହେଉଥିବା ରୋଗ ଯୋଗୁଁ ପ୍ରତିବର୍ଷ ପ୍ରାୟ ୪ ଲକ୍ଷ ୨୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ଖାଦ୍ୟ ମାନକକୁ ବଜାୟ ରଖିବାର ଗୁରୁତ୍ୱ ଉପରେ ବିଭିନ୍ନ ସଂଗଠନ ପକ୍ଷରୁ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଉଛି। ତେଣୁ ଅପମିଶ୍ରିତ ଖାଦ୍ୟଠାରୁ ଦୂରେଇ ରହିବା ଏବଂ ଏନେଇ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଭିନ୍ନ ସ୍ଥାନରେ ବିଶ୍ୱ ଖାଦ୍ୟ ସୁରକ୍ଷା ଦିବସ ସଂକ୍ରାନ୍ତ ବିଭିନ୍ନ କର୍ମଶାଳା ଓ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି ।